# ସତ୍ୟବାକ୍ୟ

# THE WORD OF TRUTH

JANUARY & FEBRUARY 2019



An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited and Published By

***Joshua & Kabita Gootam***

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-25. Jan & Feb. 2019. No-1**

*Published every two months in* ***Oriya*** *language for the Restoration of the pure New Testament Christianity*

*Write for free Bible Correspondence course*

*in*

*Telugu & Oriya to :*

**The Director**

Bible Correspondence Course

P.O.Box. 80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

VOL - XXV KAKINADA JAN-FEB-2019


## ଯୀଶୁ ଓ ସତ୍ୟ
### (Jesus and Truth)

ଜ୍ଞାନୀ ଶଲୋମନ ଲେଖନ୍ତି, ‘‘ସତ୍ୟତା କିଣ, ପୁଣି ତାହା ବିକ ନାହିଁ; ଜ୍ଞାନ ଓ ଉପଦେଶ ଓ ସୁବିବେଚନା (କିଣ)’’ (ହିତ ୨୩:୨୩) । ଦୁଃଖର ବିଷୟ ଏହିକି ଯେ, ଅନେକ ପ୍ରଚାରକ ଏବଂ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟମାନେ ସତ୍ୟକୁ ବିକୁଛନ୍ତି କିମ୍ବା ସୁସମାଚାର ଅଦଳବଦଳ କରୁଅଛନ୍ତି । ଯାହା ପୂର୍ବେ ବିଶ୍ୱାସ କରାଯାଉଥିଲା, ଆନନ୍ଦରେ ଗ୍ରହଣ କରୁଥିଲେ, ଏବେ ସେ ବିଷୟଗୁଡ଼ିକ ଅଦରକାରୀ ହୋଇ ଯାଇଅଛି । ଈଶ୍ୱରଙ୍କ ସତ୍ୟତା ପରିବର୍ତ୍ତେ, ଖ୍ରୀଷ୍ଟିୟାନମାନେ କାହିଁକି ମିଥ୍ୟାରେ ତୁଷ୍ଟ ଅଟନ୍ତି । ପ୍ରେରିତ ପାଉଲ ପ୍ରଥମ ଶତାବ୍ଦୀରେ ଯୁବକ ତୀମଥିଙ୍କୁ କହିଥିଲେ, ‘‘କାରଣ ସମୟ ଆସିବ, ଯେତେବେଳେ ସେମାନେ ହିତଜନକ ଶିକ୍ଷା ସହ୍ୟ କରିବେ ନାହିଁ, ମାତ୍ର ଶ୍ରୁତିମଧୁର କଥାରେ ସନ୍ତୁଷ୍ଟ ହୋଇ ଅଭିଳାଷାନୁସାରେ ଆପଣାମାନଙ୍କ ନିମନ୍ତେ ବହୁସଂଖ୍ୟକ ଶିକ୍ଷକଙ୍କୁ ସଂଗ୍ରହ କରିବେ । ପୁଣି, ସତ୍ୟ ବାକ୍ୟରେ କର୍ଣ୍ଣ ନ ଦେଇ କଳ୍ପିତ କାହାଣୀ ପ୍ରତି ମନ ଦେବେ ।’’ (୨ ତୀମଥି ୪:୩-୪) ସେମାନଙ୍କ ପରିବର୍ତ୍ତନର କାରଣ କ'ଣ ? ।

ଏହି ପ୍ରଶ୍ନର ଉତ୍ତର ଏବ୍ରୀ ପୁସ୍ତକକର୍ତ୍ତା, ପ୍ରାନ୍ତରରେ ଭ୍ରମଣକାରୀ ଇସ୍ରାଏଲ ଜାତିଙ୍କ ଉଦାହରଣ ଦ୍ୱାରା ଉତ୍ତର ଦେବାକୁ ସେ ଚେଷ୍ଟା କରନ୍ତି । (ଏବ୍ରୀ ୩:୭-୧୯) ଇସ୍ରାଏଲ ଜାତି ସଦାପ୍ରଭୁଙ୍କ ବାହୁବଳ ଦ୍ୱାରା ମିସରର ଦାସତ୍ୱର ମୁକ୍ତ ହୋଇଥିଲେ । (ଏବ୍ରୀ ୩:୭-୧୯) । କୌଣସି ଦେଶ ବା ଜାତିକୁ ପାଇ ନଥିବା ବ୍ୟବସ୍ଥା ସେମାନେ ସୀନୟ ପ୍ରାନ୍ତରରେ ମୋଶାଙ୍କ ଦ୍ୱାରା ପ୍ରାପ୍ତ ହୋଇଥିଲେ । (ଗୀତ ୧-୭:୧୯-୨୦) ସେମାନଙ୍କ ନିମନ୍ତେ ମଧୁ ଓ ଦୁଗ୍ଧ ପ୍ରବାହିତ କିଣାନ ଦେଶ ପ୍ରତିଜ୍ଞାତ ଥିଲା । ତଥାପି

ସେମାନେ ଈଶ୍ୱରଙ୍କ ବିରୁଦ୍ଧାଚରଣ କଲେ, ସନ୍ଦେହ କଲେ ଓ ଈଶ୍ୱରଙ୍କୁ ଅବିଶ୍ୱାସ କଲେ । ସେମାନେ ପ୍ରତିଜ୍ଞାତ ଦେଶରେ ପହଞ୍ଚି ପାରି ନ ଥିଲେ ।

ଈଶ୍ୱର ସନ୍ତାନମାନେ ଅନେକ ସମୟରେ ''ସନ୍ଦେହ''ର ଶିକାର ହୋଇଥାନ୍ତି । ପ୍ରାର୍ଥନାରେ ସନ୍ଦେହ କରିବା ବ୍ୟକ୍ତିମାନଙ୍କ ବିଷୟରେ ଯାକୁବ ଲେଖନ୍ତି, ''......ସେ କିଛି ମାତ୍ର ସନ୍ଦେହ କରେ, ସେ ବାୟୁରେ ଇତଃସ୍ତତ ଚାଳିତ ସମୁଦ୍ରର ତରଙ୍ଗ ତୁଲ୍ୟ ।''(ଯାକୁବ ୧:୬)

ଗାଲାତୀୟ ଖ୍ରୀଷ୍ଟିୟାନ ମାନେ ପ୍ରେରିତ ପାଉଲଙ୍କ ଦ୍ୱାରା ପ୍ରଚାରିତ ସୁସମାଚାର ଆନନ୍ଦରେ ଗ୍ରହଣ କରିଥିଲେ । ସେମାନେ ଏତେ ଆନନ୍ଦିତ ଓ ଉତ୍ସାହୀ ଥିଲେ ଯେ, ଆପଣା ଆପଣା ଚକ୍ଷୁ ଉତ୍ପାଟିତ କରି ପାଉଲଙ୍କୁ ଦେବାକୁ ପ୍ରସ୍ତୁତ ଥିଲେ । (ଗାଲାତୀ ୪:୧୪-୧୫) । କିନ୍ତୁ ସେମାନଙ୍କ ମଧ୍ୟରୁ ଭଣ୍ଡ ଶିକ୍ଷକ ଉତ୍ପନ୍ନ ହେଲେ, ସେମାନଙ୍କ ଶିକ୍ଷାରେ ଗାଲାତୀୟମାନେ ପାଉଲ ପ୍ରଚାରରେ ସନ୍ଦେହ କରିଥିଲେ ।

ଆମ୍ଭମାନଙ୍କ ଆଦିପିତା ଆଦମ ଓ ମାତା ହବା ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହୋଇଥିଲେ । ପରମେଶ୍ୱରଙ୍କ ଆଜ୍ଞା ପାଳନ କିମ୍ବା ଶୟତାନର କଥା ମାନିବା ସେମାନଙ୍କ ସନ୍ଦେହର କାରଣ ଥିଲା । (ଆଦି ୩:୧-୬) । ଶୟତାନର ଜୟ ହେଲା । ଅବିଶ୍ୱାସ ଓ ସନ୍ଦେହ ହେତୁ ସେମାନେ ଉଦନ ଉଦ୍ୟାନରୁ ବିତାଡ଼ିତ ହେଲେ । (ଆଦି ୩:୨୨-୨୪)

ଆଜିର ଧାର୍ମିକ ଜଗତରେ ମଧ୍ୟ, ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ ପାଳନ କରିବାରେ ସନ୍ଦେହ କରିଥାଉଁ । କିନ୍ତୁ ଈଶ୍ୱରଙ୍କ ବାକ୍ୟ କହେ, ''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ (ମାର୍କ ୧୬:୧୬) । ଆମ୍ଭେମାନେ ଏହି ବାକ୍ୟରେ ବିଶ୍ୱାସ କରୁ, କିଅବା ଅବିଶ୍ୱାସ କରୁ । ଯେଉଁ ବିଶ୍ୱସ୍ତ ଲୋକମାନେ ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ନୁହନ୍ତି, ସେମାନଙ୍କ ଦଶା କଅଣ ? ପରିତ୍ରାଣ ପାଇବା ନିମନ୍ତେ ସତେ କି ଈଶ୍ୱର ଜଳରେ ବୁଡନ ନେବା ଆବଶ୍ୟକ ବୋଲି ଆଜ୍ଞା ଦେଇ ଅଛନ୍ତି ? ଦୟାଳୁ ଈଶ୍ୱର କି ଦୟା କରିବେ ନାହିଁ ?

ଆମ୍ଭେମାନେ କାହିଁକି ତାହାଙ୍କ ବାକ୍ୟରେ ସନ୍ଦେହ କରୁ ? ସେ କି ମିଥ୍ୟା କହନ୍ତି ? କିନ୍ତୁ ଶୟତାନର ପ୍ରଭାବରେ ଆମ୍ଭେମାନେ କୂପରୁ ଜଳ ପାନ କରି ମୃତ୍ୟୁ

ଭୋଗିବା କିଅବା ଅନନ୍ତ ଜୀବନ ରୂପ କୂପ ଯେ ଯୀଶୁଖ୍ରୀଷ୍ଟ ତାହାଙ୍କ ଆଜ୍ଞାପାଳନ କରି ଜୀବନ ପ୍ରାପ୍ତ ହେବ ? (ଯୋହନ ୪:୧୩-୧୫)

ଅନେକ ଏହି ସମସ୍ୟାକୁ ଯୁକ୍ତିତର୍କ ଭାବେ ସମାଧାନ କରିବାକୁ ଚାହାନ୍ତି । ଅନେକେ ଧର୍ମାଚାରଣ କରିବା ବ୍ୟକ୍ତିମାନେ ବାପ୍ତିଜିତ ନୁହନ୍ତି, ତେଣୁ କରି ସେମାନେ ... ବାପ୍ତିଜିତ ହେବା ଆବଶ୍ୟକ ମଣନ୍ତି ନାହିଁ, କିନ୍ତୁ ଯୀଶୁ କହିଲେ, ''...ମୁଁ ପଥ, ସତ୍ୟ ଓ ଜୀବନ, ମୋ ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଇପାରେ ନାହିଁ, ସେହି ସତ୍ୟ ଯୀଶୁଖ୍ରୀଷ୍ଟ ଅଟନ୍ତି । ଯୀଶୁ ଯିହୂଦୀମାନଙ୍କୁ କହିଥିଲେ, ''ପୁଣି, ତୁମ୍ଭେମାନେ ସତ୍ୟଜ୍ଞାନ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ ।'' (ଯୋହନ ୮:୩୨) । ତାହାଙ୍କ ବାକ୍ୟରେ ସ୍ଥିର ହୋଇ ରହିଲେ, ତାହାଙ୍କ ଠାରେ ସ୍ଥିର ହୋଇ ରହି ପାରିବା । ଈଶ୍ୱରଙ୍କ ବାକ୍ୟ ରୂପ ସତ୍ୟରେ ସ୍ଥିର ହୋଇ ନ ରହିଲେ, କେହି ବି ତାହାଙ୍କ ଶିଷ୍ୟ ହୋଇ ପାରିବ ନାହିଁ ।

''ସେଥିରେ ପୀଲାତ ତାହାଙ୍କୁ ପଚାରିଲେ, ତାହାହେଲେ ତୁମ୍ଭେମାନେ କଅଣ ରାଜା ନୁହଁ ? ଯୀଶୁ ଉତ୍ତର ଦେଲେ, ଆପଣ ତ କହୁଅଛନ୍ତି, ମୁଁ ଜଣେ ରାଜା । ମୁଁ ଯେପରି ସତ୍ୟ ପକ୍ଷରେ ସାକ୍ଷ୍ୟ ଦିଏ, ଏଥି ନିମନ୍ତେ ମୁଁ ଜନ୍ମ ହୋଇଅଛି ଓ ଜଗତକୁ ଆସିଅଛି । ଯେକେହି ସତ୍ୟର ସନ୍ତାନ ସେ ମୋହର କଥା ଶୁଣେ ।'' (ଯୋହନ ୧୮:୩୭) । ଯେଉଁମାନେ ସତ୍ୟରେ ଗମନ କରନ୍ତି ଓ ସ୍ଥିର ହୋଇ ରହନ୍ତି ସେମାନେ ଯୀଶୁଙ୍କ ଠାରେ ଓ ସତ୍ୟରେ ରହନ୍ତି । (୨ ଯୋହନ ୯) । ଯେଉଁମାନେ ସତ୍ୟରେ ରହନ୍ତି ନାହିଁ, ସେମାନେ ଯୀଶୁଖ୍ରୀଷ୍ଟଙ୍କ ଠାରେ ସ୍ଥିର ହୋଇପାରନ୍ତି ନାହିଁ ।

''ଯେକେହି ଖ୍ରୀଷ୍ଟଙ୍କ ସୀମା ମଧ୍ୟରେ ନ ରହି ତାହା ଅତିକ୍ରମ କରେ, ସେ ଈଶ୍ୱରଙ୍କୁ ପାଇ ନାହିଁ, ଯେ ଶିକ୍ଷାର ସୀମା ମଧ୍ୟରେ ରହେ, ସେ ପିତା ଓ ପୁତ୍ରଙ୍କୁ ପାଇଅଛି ।'' (୨ ଯୋହନ ୯) ଅନେକେ ଯୀଶୁଖ୍ରୀଷ୍ଟଙ୍କ ଠାରେ ରହିବାରେ ଇଚ୍ଛା କରନ୍ତି ନାହିଁ ।

''ଆଉ, ଏଥି ସକାଶେ ସେମାନେ ଯେପରି ମିଥ୍ୟାରେ ବିଶ୍ୱାସ କରନ୍ତି, ସେଥି ନିମନ୍ତେ ଈଶ୍ୱର ସେମାନଙ୍କ ନିକଟକୁ ଭ୍ରାନ୍ତିଜନକ ଶକ୍ତି ପ୍ରେରଣ କରନ୍ତି, ଯେପରି ଯେଉଁମାନେ ସତ୍ୟରେ ବିଶ୍ୱାସ ନ କରି ଅଧର୍ମରେ ସନ୍ତୁଷ୍ଟ ହୋଇଅଛନ୍ତି, ସେମାନେ ସମସ୍ତେ ଦଣ୍ଡର ପ୍ରାପ୍ତ ହୁଅନ୍ତି ।'' (୨ୟ ଥେସ ୨:୧୧-୧୨) । ଏହି

ବର୍ଗର ଲୋକେ ସତ୍ୟରେ ବିଶ୍ୱାସ ନ କରି, ଅସତ୍ୟରେ ବିଶ୍ୱାସ କରନ୍ତି । କିନ୍ତୁ ପରିତ୍ରାଣ ପ୍ରାପ୍ତି ନିମନ୍ତେ ସତ୍ୟର ବିଶ୍ୱାସ କରିବା ଆବଶ୍ୟକ ।

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ଲଜ୍ଜାବୋଧ ନ କରୁ । (୨ ତୀମଥି ୧:୮) । ସତ୍ୟ ସପକ୍ଷରେ ଠିଆ ହେଉ । ଖ୍ରୀଷ୍ଟଙ୍କ ବିଷୟକ କ୍ଳେଶ, ସମସ୍ୟାରେ ମଧ୍ୟ ସୁସ୍ଥିର ରହୁ । ମହାରାଜ ଦାଉଦ କହନ୍ତି, "ମୁଁ ବିଶ୍ୱସ୍ତତାରୂପ ପଥ ମନୋନୀତ କରିଅଛି । ମୁଁ ଆପଣା ସମ୍ମୁଖରେ ତୁମ୍ଭର ଶାସନସବୁ ରଖିଅଛି ।" (ଗୀତ ୧୧୯:୩୦) । "ହେ ସଦାପ୍ରଭୋ, ତୁମ୍ଭର ପଥ ମୋତେ ଶିଖାଅ, ମୁଁ ତୁମ୍ଭ ସତ୍ୟତାରେ ଗମନ କରିବି ।" (ଗୀତ ୮୬:୧୧) । ତାହାଙ୍କ ସତ୍ୟତା ଆମ୍ଭମାନଙ୍କ ନିମନ୍ତେ ଢ଼ାଲ ଓ ଫଳକ ସ୍ୱରୂପ ଅଟେ ।" (ଗୀତ ୯୧:୪) । ସତ୍ୟ କିଣ୍ଣ, ତାହା ନ ବିକୁ । ଯୀଶୁଙ୍କ ଠାରେ ରହିବା ଏହା ହିଁ ଏକମାତ୍ର ପଥ ।

**- Paul E. Cantrell**

❋❋❋

## "...ଯେ ଜୀବନରେ ସୁଖଭୋଗ କରିବାକୁ ପୁଣି ମଙ୍ଗଳ ଦିନ ଦେଖିବାକୁ ଇଚ୍ଛା କରେ..."

(୧ମ ପିତର ୩:୧୦-୨୧)

"....For he that love life and see good days..."

(I Pet 3:10-12)

ଉପରୋକ୍ତ ପିତରଙ୍କ ଲିଖିତ ବାକ୍ୟ ଦାଉଦଙ୍କ ଗୀତ ସଂହିତା ୩୪ ପର୍ବ ୧୨-୧୬ ପଦରୁ ଆନୀତ । ଏହି ଜଗତରେ ପ୍ରତ୍ୟେକ ସୁଖଭୋଗ କରିବାରେ ଓ ମଙ୍ଗଳ ଦିନ ଦେଖିବାକୁ ଇଚ୍ଛା କରନ୍ତି । ସେପରି ଜୀବନ ନିମନ୍ତେ ଲେଖକ ଏକ ସୁନ୍ଦର ସୂତ୍ର ଏଠାରେ ଉପସ୍ଥାପନ କରନ୍ତି ।

**କ) ସେ ମନ୍ଦ ବାକ୍ୟରୁ ଆପଣା ଜିହ୍ୱାରୁ ଆଉ ପ୍ରବଞ୍ଚନା ବାକ୍ୟରୁ ଆପଣା ଓଷ୍ଠାଧରକୁ ନିବୃତ୍ତ କରୁ :-** ଯେ ଜୀବନରେ ସୁଖଭୋଗ କରିବାକୁ ଇଚ୍ଛା କରେ, ସେ ମନ୍ଦ ବାକ୍ୟରୁ ଆପଣା ଜିହ୍ୱାକୁ ନିବୃତ୍ତ କରୁ । କାରଣ ବାକ୍ୟ କହେ (୧) ମରଣ ଜୀବନ ଜିହ୍ୱାର ଅଧୀନ ଯେଉଁମାନେ ତାକୁ ଭଲ ଜାଣନ୍ତି ସେମାନେ ତାହାର ଫଳ

ଭୋଗିବେ । (ହିତ ୧୮:୨୧) । (୨) "ହେ ମୋହର ପୁତ୍ର,... ତୁମ୍ଭ ହୃଦୟକୁ ଅତି ଯତ୍ନକରି ରଖ, ତହିଁରୁ ଜୀବନର ପ୍ରବାହ ଜନ୍ମଇ । ଆପଣା ଠାରୁ କୁଟିଳ ମୁଖ ଦୂର କର ଓ ବକ୍ର ଓଷ୍ଠାଧର ବହୁ ଦୂରରେ ରଖ ।" (ହିତ ୪:୨୦-୨୭) । (୩) ଯାକୁବ କହନ୍ତି, "ସେହିପରି ଜିହ୍ୱା ମଧ୍ୟ ଗୋଟିଏ କ୍ଷୁଦ୍ର ଅଙ୍ଗ, କିନ୍ତୁ ମହା ଗର୍ବର କଥା କହେ, ଦେଖ କେଡ଼େ କ୍ଷୁଦ୍ର ଅଗ୍ନି କଣିକା ଦ୍ୱାରା କେଡ଼େ ବଡ଼ ଅରଣ୍ୟରେ ନିଆଁ ଲାଗିଯାଏ । ଜିହ୍ୱା ମଧ୍ୟ ଅଗ୍ନିସ୍ୱରୂପ, ତାହା ଆମ୍ଭମାନଙ୍କ ଅଙ୍ଗ ସମୂହ ମଧ୍ୟରେ ସମସ୍ତ ଅଧର୍ମରେ ମୂଳାଧାର ସ୍ୱରୂପେ ଅବସ୍ଥିତ, ତାହା ସମସ୍ତ ଶରୀରକୁ ଅଶୂଚି କରେ ଓ ନିଜେ ନରକାନଳରେ ପ୍ରଜ୍ୱଳିତ ହୋଇ ପ୍ରକୃତିର ଚକ୍ରରୁ ଜଳାଏ । କାରଣ ସମସ୍ତ ପ୍ରକାର ପଶୁ, ପକ୍ଷୀ, ସରୀସୃଣ ଓ ଜଳଚର ପ୍ରାଣୀମାନଙ୍କୁ ମାନବ ଦ୍ୱାରା ବଶରେ ରଖାଯାଇ ପାରେ, ପୁଣି ବଶରେ ରଖାଯାଇଅଛି । କିନ୍ତୁ ଜିହ୍ୱାକୁ କେହି ବଶରେ ରଖିପାରେ ନାହିଁ, ଅନିଷ୍ଟ ସାଧନରେ ତାହାର ବିରାମ ନାହିଁ । ମାରାତ୍ମକ ଗରଳରେ ତାହା ପରିପୂର୍ଣ୍ଣ । ତଦ୍ୱାରା ଆମ୍ଭେମାନେ ପ୍ରଭୁ ଓ ପିତାଙ୍କର ଧନ୍ୟବାଦ କରି ଥାଉ, ପୁଣି ତଦ୍ୱାରା ଈଶ୍ୱରଙ୍କ ସାଦୃଶ୍ୟରେ ସୃଷ୍ଟ ମନୁଷ୍ୟକୁ ଅଭିଶାପ ଦେଇଥାଉ । ଏକ ମୁଖରୁ ଧନ୍ୟବାଦ ଓ ଅଭିଶାପ ନିର୍ଗତ ହୁଏ । ହେ ମୋହର ଭାଇମାନେ, ଏପରି ହେବା ଉଚିତ ନୁହେଁ ।" (୩:୫-୯) ।

(୪) "ଯଦି କେହି ଆପଣାକୁ ଧର୍ମପରାୟଣ ବୋଲି ମନେ କରେ, ଆଉ ଆପଣା ଜିହ୍ୱାକୁ ବଶୀଭୂତ ନକରି ନିଜ ହୃଦୟକୁ ପ୍ରବଞ୍ଚନା କରେ, ତାହାର ଧର୍ମପରାୟଣ ବୃଥା ।" (ଯାକୁବ ୧:୨୬) ।

(୫) ଯୀଶୁ କହିଲେ, "ଗଛକୁ ଭଲ କୁହ ଓ ତାହାର ଫଳକୁ ଭଲ କୁହ, ନତୁବା ଗଛକୁ ମନ୍ଦ କୁହ ଭଲ କୁହ ଓ ଫଳକୁ ମନ୍ଦ କୁହ, କାରଣ ଫଳ ଦ୍ୱାରା ଗଛ ଚିହ୍ନାଯାଏ । ରେ କାଳ ସର୍ପର ବଂଶ ତୁମ୍ଭେମାନେ ଦୁଷ୍ଟ ହୋଇ କି ପ୍ରକାର ଭଲ କଥା କହିପାର ? କାରଣ ହୃଦୟର ପୂର୍ଣ୍ଣତାରୁ ମୁଖ କଥା କହେ । ଉତ୍ତମ ଲୋକ ଉତ୍ତମ ଭଣ୍ଡାରରୁ ଉତ୍ତମ ପଦାର୍ଥ ବାହାର କରେ, ପୁଣି ମନ୍ଦ ଲୋକ ମନ୍ଦ ଭଣ୍ଡାରରୁ ମନ୍ଦ ପଦାର୍ଥ ବାହାର କରେ । କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ମନୁଷ୍ୟମାନେ ଯେ କୌଣସି ଅସାର କଥା କହନ୍ତି, ବିଚାର ଦିନରେ ସେମାନେ ସେଥିର ଉତ୍ତର ଦେବେ, ଯେଣୁ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ନିର୍ଦ୍ଦୋଷ ଓ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ଦୋଷୀ ବୋଲି ପ୍ରମାଣିତ ହେବ ।" (ମାଥିଉ ୧୨:୩୩-୩୭) ।

ଆମ୍ଭେମାନେ କିପରି ଭାବେ ଜିହ୍ବା ଦ୍ବାରା ପାପ କରି ଥାଉଁ ? ମିଥ୍ୟାବାଦୀ ଜିହ୍ବା ବିଷୟରେ ଜ୍ଞାନୀ ଶଲୋମନ କହନ୍ତି, "ମିଥ୍ୟାବାଦୀ ଓଷ୍ଠ ସଦାପ୍ରଭୁଙ୍କର ଘୃଣା ବିଷୟ, ମାତ୍ର ଯେଉଁମାନେ ସତ୍ୟ ବ୍ୟବହାର କରନ୍ତି, ସେମାନେ ତାହାଙ୍କର ତୁଷ୍ଟିକର ।" (ହିତ ୧୨:୨୨) ।

ଶୟତାନ. "ମିଥ୍ୟାବାଦୀ ଓ ମିଥ୍ୟାବାଦୀରେ ପିତା ।" (ଯୋହନ ୮:୪୪) । ସେ ମିଥ୍ୟା ଦ୍ବାରା ଆମ୍ଭମାନଙ୍କ ଆଦିମାତା ହବାକୁ ପ୍ରବଞ୍ଚନା କରିବାରୁ ସେମାନେ ନିଷେଧିତ ଫଳ ଖାଇଥିଲେ । "... ସମସ୍ତ ମିଥ୍ୟାବାଦୀ ଅଗ୍ନି ଓ ଗନ୍ଧକ ପ୍ରଜ୍ଜଳିତ ହ୍ରଦରେ ଅଂଶ ପାଇବେ..." ବୋଲି ପ୍ରକାଶିତ ୨୧:୮ ପଦରେ ପଢ଼ିପାରୁ । ପ୍ରେରିତ ପାଉଲ ଏଫିସୀ ନଗରସ୍ଥ ଖ୍ରୀଷ୍ଟିୟାନମାନଙ୍କୁ ଲେଖନ୍ତି, "... ମିଥ୍ୟା ପରିତ୍ୟାଗ କରି ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ପ୍ରତିବାସୀ ସହିତ ସତ୍ୟ ଆଳାପ କର, କାରଣ ଆମ୍ଭେମାନେ ପରସ୍ପରର ଅଙ୍ଗ ପ୍ରତ୍ୟେଙ୍ଗ ।" (ଏଫିସୀ ୪:୨୫) । "ପରସ୍ପର ମିଥ୍ୟା କୁହ ନାହିଁ, ତୁମ୍ଭେମାନେ ତ ପୁରାତନ ସ୍ବଭାବ ଓ ସେଥିର କର୍ମ ପରିତ୍ୟାଗ କରି ନୂତନ ସ୍ବଭାବ ପରିଧାନ କରିଅଛି ...." । କଲସୀ ୩:୯ । "...ସତ୍ୟ ବିରୁଦ୍ଧରେ ଗର୍ବକର ନାହିଁ, ମିଥ୍ୟା କୁହ ନାହିଁ ।" (ଯାକୁବ ୩:୧୪) । ସଦାପ୍ରଭୁ ଛଅଗୋଟି ବିଷୟ ଘୃଣା କରନ୍ତି, ସେଥିମଧ୍ୟରୁ "ମିଥ୍ୟାବାଦୀ ଜିହ୍ବା" ଅନ୍ୟତମ । (ହିତ ୬:୧୬) । ଯେଉଁମାନେ ସଦାପ୍ରଭୁଙ୍କ ଆବାସରେ ନିବାସ କରିବା ବ୍ୟକ୍ତିମାନେ ସେ ଅନ୍ତଃକରଣରେ ସତ୍ୟ କହେ, ଆପଣା ଜିହ୍ବାରେ ଗ୍ଲାନି କରେ ନାହିଁ, କିଅବା ଆପଣା ପ୍ରତିବାସୀ ବିରୁଦ୍ଧରେ ନିନ୍ଦା ପ୍ରକଟ କରେ ନାହିଁ । (ଗୀତ ୧୫:୧-୩) । ଆଦମ ଓ ହବାଙ୍କ ପ୍ରଥମ ପୁତ୍ର କୟିନ ସଦାପ୍ରଭୁଙ୍କୁ ମିଥ୍ୟା କହି ଶାପଗ୍ରସ୍ତ ହୋଇଥିଲା ! ମଣ୍ଡଳୀ ସ୍ଥାପନର ପ୍ରାରମ୍ଭ ବେଳାରେ ହନନିୟ ଓ ଶଫୀରା ପବିତ୍ର ଆତ୍ମା ବିରୁଦ୍ଧରେ ପାପ କରି ଆପଣା ଆପଣା ପ୍ରାଣ ହରାଇ ଥିଲେ ।

**(୧) ଗ୍ଲାନି ନ କରୁ :-** "ହେ ଭାଇମାନେ, ତୁମ୍ଭେମାନେ ପରସ୍ପର ଗ୍ଲାନି କର ନାହିଁ...." । (ଯାକୁବ ୫:୯, ୧ କରନ୍ଥୀୟ ୧୦:୧୦) । (କ) "ଅତଏବ ପ୍ରଭୁ ଯେ ମଙ୍ଗଳମୟ, ଏହା ଯଦି ଆସ୍ବାଦନ କରିଅଛି, ତାହାହେଲେ ସମସ୍ତ ପ୍ରକାର ଦୁଷ୍ଟତା, ଛନ୍ଦ, କପଟ, ଈର୍ଷା ଓ ପରନିନ୍ଦା ପରିତ୍ୟାଗ କର...।" (୧ମ ପିତର ୫:୨) । (ଖ) "ବଚସା ଓ ତର୍କ ବିନା ସମସ୍ତ କାର୍ଯ୍ୟ କର ।" (ଫିଲିପ ୨:୧୫) ।

**(୨) କଳହ :-** "କହିହୁଡ଼ି ସ୍ତ୍ରୀ ସଙ୍ଗରେ ପ୍ରଶସ୍ତ ଗୃହରେ ବାସ କରିବା ଅପେକ୍ଷା ଛାତ୍ରର ଏକ କୋଣରେ ବାସ କରିବା ଭଲ ।" (ହିତ ୨୧:୯) ।

**(୨) ଅସାର ବକୁଆପଣ :-** "ହେ ତୀମଥି, ତୁମ୍ଭଠାରେ ଯାହା ସମର୍ପିତ ହୋଇଅଛି, ତାହା ରକ୍ଷାକର, ଅସାର ବକୁଆପଣ ଓ ତଥାତଥିତ ଜ୍ଞାନର ଯୁକ୍ତିତର୍କରୁ ବିମୁଖ ହୁଅ ।" (୧ମ ତୀମଥି ୬:୨୦) ।

(ଗ) "ପୁଣି ଯାହା ଯାହା ଅନୁପଯୁକ୍ତ, ଏପରି କୁତ୍ସିତ ବ୍ୟବହାର ବା ଅସାର କଥା ବା ହାସ୍ୟ ପରିହାସ ତୁମ୍ଭମାନଙ୍କ ମଧ୍ୟରେ ନ ହେଉ, ବରଂ ଧନ୍ୟବାଦ ଦିଆଯାଉ ।" (ଏଫିସୀୟ ୫:୪) ।

(୨) ଯେ ଜୀବନରେ ସୁଖଭୋଗ କରିବାକୁ ପୁଣି ମଙ୍ଗଳର ଦିନ ଦେଖିବାକୁ ଇଚ୍ଛା କରେ ସେ ମନ୍ଦରୁ ବିମୁଖ ହେଉ ।" ଇଶ୍ରାଏଲର ସୁମଧୁର ଗାୟକ କହନ୍ତି, "ତୁମ୍ଭେ ଦୁଷ୍କର୍ମକାରୀ ମାନଙ୍କ ସକାଶୁ ଆପଣାକୁ ବିରକ୍ତି କର ନାହିଁ ।" (ଗୀତ ୩୭:୧) । "ମନ୍ଦଠାରୁ ଦୂର ହୁଅ ଓ ସୁକର୍ମ କର, ପୁଣି ଅନନ୍ତକାଳ ବାସକର ।" (୩୭:୨୭) । ପରମେଶ୍ୱରଙ୍କ ତୃଷ୍ଟ ଆୟବ ସିଦ୍ଧ, ସରଳ, ପରମେଶ୍ୱରଙ୍କ ଭୟକାରୀ ଓ କୁକ୍ରିୟା ତ୍ୟାଗୀ ବ୍ୟକ୍ତି ଥିଲେ । (ଆୟୁବ ୧:୧) । ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, "କୁକ୍ରିୟାରେ ପରାଜିତ ନହୋଇ ସୁକ୍ରିୟାରେ କୁକ୍ରିୟାକୁ ପରାଜୟ କର ।" (ରୋମୀୟ ୧୨:୨୧) ।

(୩) **ଯେ ଜୀବନରେ ସୁଖଭୋଗ କରିବାକୁ ଇଚ୍ଛା କରେ ସେକର୍ମ କରୁ :-** ଆମ୍ଭମାନଙ୍କ ପିତା ପରମେଶ୍ୱର ସମସ୍ତଙ୍କ ପ୍ରତି ମଙ୍ଗଳମୟ ଅଟନ୍ତି । (ଗୀତ ୧୪୫:୯) ଯୀଶୁଖ୍ରୀଷ୍ଟ ଏହି ଜଗତରେ ମଙ୍ଗଳ ସାଧନା କରୁ ୨ ଶୟତାନ କର୍ତ୍ତୃକ ପ୍ରପୀଡିତ ସମସ୍ତ ଲୋକଙ୍କୁ ସୁସ୍ଥ କରୁ ୨ ସର୍ବତ୍ର ଭ୍ରମଣ କଲେ । (ପ୍ରେରିତ ୧୦:୩୮) । ପର୍ବତ ଉପଦେଶରେ ଯୀଶୁ କହିଲେ, ଠେସହି ପ୍ରକାରେ ତୁମ୍ଭମାନଙ୍କ ଆଲୋକ ଲୋକଙ୍କ ଶାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସତ୍କର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ ।" (ମାଥିଉ ୫:୧୬) ବିଚାର ଦିନରେ

ରାଜା ଆପଣା ଦକ୍ଷିଣ ପାର୍ଶ୍ୱସ୍ଥ ଲୋକମାନଙ୍କୁ କହିବେ, "…..ଆସ, ମୋହର ପିତାଙ୍କ ଆଶୀର୍ବାଦ ପ୍ରାପ୍ତମାନେ, ତୁମ୍ଭମାନଙ୍କ ନିମନ୍ତେ ପତ୍ତନାବଧି ଯେଉଁ ରାଜ୍ୟ ସସ୍କୃତ କରାଯାଇଅଛି, ସେଥିର ଅଧିକାରୀ ହୁଅ ।"(ମାଥିଉ ୨୫:୩୪) ଯୀଶୁ କହିଲେ, ''ଏଥିରେ ଚମତ୍କୃତ ହୁଅ ନାହିଁ ।'' କାରଣ ଯେଉଁ ସମୟରେ ସମାଧିସ୍ଥ ସମସ୍ତେ ତାହାଙ୍କ ସ୍ୱର ଶୁଣିବେ, ଏବଂ ଯେଉଁମାନେ ସତକର୍ମ କରିଅଛନ୍ତି, ସେମାନେ ଜୀବନର ପୁନରୁତଥାନ ନିମନ୍ତେ ଯେଉଁମାନେ ଅସତକର୍ମ କରି ଅଛନ୍ତି । ସେମାନେ ଦଣ୍ଡର ପୁନରୁଥାନ ନିମନ୍ତେ ବାହାର ହୋଇ ଆସିବେ, ଏପରି ସମୟ ଆସୁଅଛି । (ଯୋହନ ୫:୨୮,୨୯) । ପ୍ରେରିତ ପାଉଲ ତିତସଙ୍କୁ ଲେଖନ୍ତି । "…..ଈଶ୍ୱରଙ୍କଠାରେ ବିଶ୍ୱାସକାରିମାନେ ସମସ୍ତ ସତକର୍ମରେ ବ୍ୟାପୃତ ରହିବାକୁ ମନୋଯୋଗୀ ହୁଅନ୍ତି । ଏଥି ନିମେନ୍ତ ଏହି ସମସ୍ତ ବିଷୟରେ ଦୃଢ଼ ରୂପେ ଶିକ୍ଷା ଦିଅ ବୋଲି ମୋହର ଇଚ୍ଛା । ଏହି ସମସ୍ତ ବିଷୟ ମନୁଷ୍ୟମାନଙ୍କ ପକ୍ଷରେ ଉତ୍ତମ ଓ ହିତ ଜନକ ।" (ତିସେ ୩:୮) ।

"ଯେଉଁମାନେ ଧୈର୍ଯ୍ୟ ସହିତ ଉତ୍ତମ କର୍ମକରି ଗୌରବ, ସମ୍ମାନ ଓ ଅମରତ୍ୱ ଅନ୍ୱେଷଣ କରନ୍ତି, ସେମାନଙ୍କୁ ଅନନ୍ତ ଜୀବନ ପ୍ରଦାନ କରିବେ ।" (ରୋମୀୟ ୨:୭) । ଯାକୁବଙ୍କ ଭାଷାରେ, "… ଯେ ସତ୍କର୍ମ କରିବାକୁ ଜାଣି ତାହା କରେ ନାହିଁ, ତାହାର ପାପ ହୁଏ ।" (ଯାକୁବ ୪:୭) । "କୁକ୍ରିୟାରେ ପରାଜିତ ନ ହୋଇ ସୁକ୍ରିୟାରେ କୁକ୍ରିୟାକୁ ପରାଜିତ କର ।" (ରୋମୀୟ ୧୨:୨୧) । କର୍ଣ୍ଣଲିୟ ସତ୍କର୍ମ ବିଷୟରେ ପ୍ରେରିତମାନଙ୍କ କାର୍ଯ୍ୟବଳୀର ପୁସ୍ତକରେ ଦଶମ ଅଧ୍ୟାୟରେ ଓ ଲୂଦିଆଙ୍କ ବିଷୟରେ ୯:୩୬-୪୩ ପଦଗୁଡିକରେ ପଢ଼ିଥାଉଁ ।

**(୪) ଯେ ଜୀବନରେ ସୁଖଭୋଗ କରିବାକୁ ଇଚ୍ଛା କରେ ସେ ଶାନ୍ତି ଅନ୍ୱେଷଣ କରି ସେଥିର ଆନୁଗାମୀ ହେଉ :-** ଯୀଶୁଖ୍ରୀଷ୍ଟ "ଶାନ୍ତିର ରାଜା" ଅଟନ୍ତି । ତାହାଙ୍କ ଜନ୍ମ ସମୟରେ ଦୂତଙ୍କ ବାହିନୀ ଈଶ୍ୱରଙ୍କ ସ୍ତବଗାନ କରୁ କରୁ କହିଲେ, "ଊର୍ଦ୍ଧ୍ୱ ଲୋକରେ ଈଶ୍ୱରଙ୍କ ମହିମା, ପୁଣି ପୃଥିବୀରେ ତାହାଙ୍କ ସନ୍ତୋଷପାତ୍ର ମନୁଷ୍ୟମାନଙ୍କ ମଧ୍ୟରେ ଶାନ୍ତି ।" (ଲୂକ ୨:୧୪) । ଯୀଶୁ କହିଲେ, "ମୁଁ ତୁମ୍ଭମାନଙ୍କୁ

ଶାନ୍ତି ଦାନ କରି ଯାଉଅଛି, ମୋହର ନିଜର ଶାନ୍ତି ତୁମ୍ଭମାନଙ୍କୁ ଦାନ କରୁଅଛି, ଜଗତ ଯେପରି ଦାନ କରେ । ମୁଁ ତୁମ୍ଭମାନଙ୍କୁ ସେପରି ଦାନ କରୁ ନାହିଁ... ।" (ଯୋହନ ୧୪:୨୫) । ଜିଖରୟ, ବାପ୍ତିଜକ ଯୋହନଙ୍କ ଜନ୍ମ ସମୟରେ ଭାବବାଣୀ ପ୍ରକଟ କରି କହିଲେ, "ପୁଣି ଆମ୍ଭମାନଙ୍କ ପାଦ ଶାନ୍ତିପଥକୁ ଆଣିବା ନିମନ୍ତେ, ଆମ୍ଭମାନଙ୍କ ଈଶ୍ୱରଙ୍କର ଯେଉଁ ସ୍ନେହପୂର୍ଣ୍ଣ କରୁଣା ହେତୁ ଆମ୍ଭମାନଙ୍କ ପ୍ରତି ଉର୍ଦ୍ଧ୍ୱରୁ ସୂର୍ଯ୍ୟୋଦୟ ହେବ...।" (ଲୂକ ୧:୭୭-୭୮) ।

ପରମେଶ୍ୱରଙ୍କ ବିରୁଦ୍ଧରେ ଆମ୍ଭେମାନେ ପାପୀ କରି, ତାହାଙ୍କ ଶତ୍ରୁ ହୋଇଥିଲୁ । କିନ୍ତୁ ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କ ରକ୍ତ ଦ୍ୱାରା ପବିତ୍ରୀକୃତ ହେବା ଦ୍ୱାରା, ତାହାଙ୍କ ସହିତ ଶାନ୍ତି ସ୍ଥାପନ ହୋଇଅଛି । "ପୁଣି ତାହାଙ୍କ କ୍ରୁଶର ରକ୍ତରେ ସେ ଶାନ୍ତି ସ୍ଥାପନ କରି ତାହାଙ୍କ ଦ୍ୱାରା ଆପଣା ସହିତ ସମସ୍ତର ମିଳନ କରନ୍ତି,...।" (କଲସୀ ୧:୨୦,୩:୧୫) । "...ସମସ୍ତ ବୋଧର ଅଗମ୍ୟ ଯେ ଈଶ୍ୱରଙ୍କ ଶାନ୍ତି, ତାହା ତୁମ୍ଭମାନଙ୍କର ହୃଦୟ ଓ ମନକୁ ଖ୍ରୀଷ୍ଟଯୀଶୁଙ୍କ ସହଭୋଗିତାରେ ସୁରକ୍ଷା କରିବା ।" (ଫିଲିପ ୪:୭) ।

ଶାନ୍ତିକର୍ତ୍ତା ଈଶ୍ୱର (ରୋମୀୟ ୧୬:୨୦) ଓ ଶାନ୍ତିର ରାଜା ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ଶାନ୍ତି ପ୍ରଦାନ କରନ୍ତି । ଈଶ୍ୱରଙ୍କ ରାଜ୍ୟ ହିଁ ଧାର୍ମିକତା, ଶାନ୍ତି ଓ ପବିତ୍ର ଆତ୍ମାରେ ଆନନ୍ଦ ଅଟେ । (ରୋମୀୟ ୧୪:୧୭,୧୯) ରୋମୀୟ ମଣ୍ଡଳୀକୁ ପ୍ରେରିତ ପାଉଲ ଲେଖନ୍ତି, "ସମ୍ଭବ ହେଲେ ତୁମ୍ଭର ଯେତେ ପର୍ଯ୍ୟନ୍ତ ସାଧ୍ୟ, ସମସ୍ତ ଲୋକଙ୍କ ସହିତ ଶାନ୍ତିରେ ରୁହ ।" (୧୨:୧୮) ।

ଜୀବନରେ ସୁଖଭୋଗ କରି ମଙ୍ଗଳ ଦିନ ଇଚ୍ଛା କରିବା ପ୍ରତ୍ୟେକ ଜିହ୍ୱାକୁ ପ୍ରବଞ୍ଚନା ବାକ୍ୟରୁ ନିବୃତ୍ତ କରୁ, ମନ୍ଦରୁ ବିମୁଖ ହୋଇ ଶାନ୍ତି ଅନ୍ୱେଷଣ କରି ସେଥିର ଅନୁଗାମୀ ହେଉ ।

**- Kabita Gootam**

❋❋❋

# ପୁସ୍ତକ ପ୍ରଜା
## (Book People)

ଭାବବାଦୀ ମୋଶାଙ୍କ ସମୟରୁ, ସୈନ୍ୟାଧିପତି ସଦାପ୍ରଭୁ ଲିଖିତ ଭାବେ ଆପଣା ଇଚ୍ଛା ପ୍ରକାଶ କରି ଆସୁଅଛନ୍ତି । ସେ ଆପଣା ଲିଖିତ ପବିତ୍ର ବାକ୍ୟ, ଆମ୍ଭେମାନେ ଅନୁସରଣ କରିବାକୁ ଆଦେଶ ଦେଇଅଛନ୍ତି । ତାହାଙ୍କ ପ୍ରଜାର ଅର୍ଥ, ଆହାଙ୍କ ଲିଖିତ ପୁସ୍ତକର ଅନୁସରଣକାରୀ ।

ଖ୍ରୀ:ପୂ: ୬୨୨ରେ, ଇଶ୍ରାଏଲ ସନ୍ତାନମାନେ ସଦାପ୍ରଭୁ ଦତ୍ତ ପୁସ୍ତକରୁ ଅନେକ ଦୂରରେ ଥିଲେ । ସେମାନେ ବିଜାତୀୟ ପ୍ରଥା, ଆଚାର ବ୍ୟବହାରରେ ନିମଗ୍ନ ରହି, ସତ୍ୟ ପରମେଶ୍ୱର ଓ ସତ୍ୟ ଧର୍ମରୁ ବିଚ୍ଛିନ୍ନ ହୋଇଥିଲେ । ପରମେଶ୍ୱରଙ୍କ ପୁସ୍ତକ ସେମାନଙ୍କ ବିସ୍ମରଣରେ ନ ଥିଲା ।

ଦିନେ ପରମେଶ୍ୱର ଯାଜକ ପରମେଶ୍ୱରଙ୍କ ମନ୍ଦିରରେ ପରମେଶ୍ୱରଙ୍କ ମନ୍ଦିରରେ ସନ୍ଧାନ । "ସେତେବେଳେ ହିଲକିୟ ମହାଯାଜକ ଶାଫନ୍ ଲେଖକଙ୍କୁ କହିଲେ, ଆମ୍ଭେ ସଦଦାପ୍ରଭୁଙ୍କ ଗୃହରେ ଏହି ବ୍ୟବସ୍ଥା - ପୁସ୍ତକ ପାଇଅଛୁ । ଆଉ ହିଲକିୟ ଶାଫନ୍‌କୁ ସେହି ପୁସ୍ତକ ଦିଅନ୍ତେ, ସେ ପାଠ କଲା ! ଏଥିଉତ୍ତାରେ ଶାଫନ୍ ଲେଖକ ରାଜାଙ୍କ ନିକଟକୁ ଆସିଲା ଓ ପୁନର୍ବାର ରାଜାକୁ ସମ୍ବାଦ ଦେଇ କହିଲା, ଆପଣଙ୍କ ଦାସ ଆମ୍ଭେମାନେ ମନ୍ଦିରରେ ପ୍ରାପ୍ତ ସମସ୍ତ ମୁଦ୍ରା ଖାଲି କରି ସଦାପ୍ରଭୁଙ୍କ ଗୃହର ତତ୍ତ୍ୱାବଧାରଣ କର୍ମକାରୀମାନଙ୍କ ହସ୍ତରେ ସମର୍ପଣ କରିଅଛନ୍ତି । ଆହୁରି ଶାଫଲେଖକ ରାଜାକୁ ଜଣାଇ କହିଲା, ହିଲକିୟ ଯାଜକ ଆମ୍ଭକୁ ଏହି ପୁସ୍ତକ ଦେଇଅଛନ୍ତି ଓ ଶାଫନ୍ ତାହା ରାଜାଙ୍କ ସାକ୍ଷାତରେ ପାଠ କଲା, ଏଥିରେ ରାଜା ସେହି ବ୍ୟବସ୍ଥା ପୁସ୍ତକର ବାକ୍ୟ ଶ୍ରବଣ କରନ୍ତେ, ଆପଣା ବସ୍ତ୍ର ଚିରିଲେ ।" (ଦ୍ୱି:ରା: ୨୨:୮-୧୧) । ଏହି ପୁସ୍ତକର ସନ୍ଧାନ ପାଇବା ପରେ ଅନେକ ଘଟଣା ଘଟିଥିଲା, ଯାହାକି ଇଶ୍ରାଏଲ ଜୀବନରେ ପରିବର୍ତ୍ତନ ଆସିଥିଲା । ଈଶ୍ୱରଙ୍କ ପୁସ୍ତକ କି ଆପଣଙ୍କ ଗୃହରେ ସ୍ଥାନ ପାଇଅଛି ।

ପୁସ୍ତକ ସନ୍ଧାନ ପାଇବା ପରେ, ଇଶ୍ରାଏଲୀୟମାନଙ୍କ ମଧ୍ୟରୁ ଅନେକେ ତାହା ପଢ଼ି, ତାହାର ପ୍ରଧାନ୍ୟତା ବିଷ୍ୟରେ ଜ୍ଞାତ ହୋଇଥିଲେ । ଅନେକେ ପୁସ୍ତକ ପଡିବା ମୂର୍ଖାମୀର ବିଷୟ ବୋଲି ମନେ କରନ୍ତି, କିନ୍ତୁ ପୁସ୍ତକ ପଢ଼ିବା ଦ୍ୱାରା ହିଁ,

ଲିଖିତ ବିଷୟର ଗମ୍ଭୀରତା ଜ୍ଞାତ ହୋଇ ପାରିବା । ଏତଦ୍ୱାରା ଆମ୍ଭମାନଙ୍କ ଜୀବନର ପଥ ସୁଗମ ହୁଏ ।ଧର୍ମଶାସ୍ତ୍ରର ବାକ୍ୟ ଗୁଡିକ ଶ୍ରବଣ କରି, ରାଜା ବସ୍ତ୍ର ଚିରିଲେ । ଲିଖିତ ବାକ୍ୟ ସକଳ ତାହାଙ୍କ ନିମନ୍ତେ ଓ ତାହାଙ୍କ ପ୍ରଜାମାନଙ୍କ ନିମନ୍ତେ ଲିଖିତ ହୋଇଅଛି ଓ ସେମାନେ ସଦାପ୍ରଭୁଙ୍କ ଦ୍ୱାରା ଦତ୍ତ ଆଜ୍ଞାସକଳ ପାଳନ ନ ଥିବାରୁ ସେ ବସ୍ତ୍ର ଚିରି ଆପଣା ଦୁଃଖ ପ୍ରକଟ କରିଥିଲେ । ସଦାପ୍ରଭୁଙ୍କ ପୁସ୍ତକ ପଢ଼ି ଆପଣଙ୍କ ହୃଦୟ କି ବିଦୀର୍ଣ୍ଣ ହୁଏ ?

ଶେଷରେ, ଯୋଶିୟ ରାଜା ଓ ତାହାଙ୍କ ପ୍ରଜାମାନେ ପୁସ୍ତକରେ ଲିଖିତ ଆଜ୍ଞା ଗୁଡ଼ିକ ପାଳନ କଲେ । ଦେଶରେ ଥିବା ଅନ୍ୟ ଦେବତାମାନଙ୍କ ପ୍ରତିମା ଓ ସେମାନଙ୍କ ଯଜ୍ଞବେଦି କ୍ରମଶଃ ଧ୍ୱଂସ କଲେ । ସଦାପ୍ରଭୁଙ୍କ ଲିଖିତ ସମସ୍ତ ଆଜ୍ଞା ପାଳନରେ ସେମାନେ ଆପଣା ମନନିବେଶ କଲେ ।

ଏହି ପୁରାତନ ନିୟମର ଘଟଣାରୁ, ସଦାପ୍ରଭୁ ଆମ୍ଭମାନଙ୍କ ଜୀବନରେ କଅଣ ଚାହାନ୍ତି ଜାଣିପାରୁ । ଈଶ୍ୱର ପୁସ୍ତକର ଅନ୍ୱେଷଣ କରୁ, ପଠନ କରୁ । ହୃଦୟ ପରିବର୍ତ୍ତନ କରି, ତାହାଙ୍କ ଆଜ୍ଞାବହ ହେଲେ ରାଜା ଯୋଶିୟ ସଦୃଶ୍ୟ ସଦାପ୍ରଭୁ ଆମ୍ଭମାନଙ୍କୁ ନିଶ୍ଚିତଭାବେ ଆଶୀର୍ବାଦ କରିବେ ।

**- Dan R. Owevn**

❋❋❋

# ଶୟତାନ କିଏ ?

## (Who is Satan)

"ସେଥିରେ ସର୍ବ ଜଗତରେ ପ୍ରବଞ୍ଚକ, ଦିଆବଲ ଓ ଶୟତାନ ନାମରେ ଖ୍ୟାତି ଯେ ପ୍ରକାଣ୍ଡ ସର୍ପ, ସେହି ପୁରାତନ ନାଗ, ସେ ଆପଣା ଦୂତମାନଙ୍କ ସହିତ ପୃଥିବୀରେ ନିକ୍ଷିପ୍ତ ହେଲା ।" (ପ୍ରକାଶିତ ୧୨:୯) ।

ଶୟତାନ କିଏ ? ଶୟତାନ କିଅବା ଦିଆବଲ ବିଷୟରେ ଅନେକଙ୍କ କହିବା ଶୁଣି ଥାଉଁ, ସେ କେବଳ ଏକ ଦୁଷ୍ଟ ପ୍ରଭାବ କିଅବା ଜୀବନ୍ତ ବ୍ୟକ୍ତି ? ସେ କେଉଁଠୁଁ ଆସିଲା ? ତାହାକୁ କିଏ ସୃଷ୍ଟି କଲେ ? ସେ କି ଏକ ପରମେଶ୍ୱର, ଆମ୍ଭମାନଙ୍କ ପିତା ପରମେଶ୍ୱରଙ୍କ ସମତୁଲ୍ୟ ? କିଅବା ପରମେଶ୍ୱର ଠାରୁ ନ୍ୟୁନ ?

ପରମେଶ୍ୱର ଏକ କି ରୂପକୁ (Cherub) କୁ କହିଲେ, "... ତୁମ୍ଭେ ଜ୍ଞାନରେ ପୂର୍ଣ୍ଣ ଓ ସୌନ୍ଦର୍ଯ୍ୟରେ ସିଦ୍ଧ, ଉଭୟର ମୁଦ୍ରାଙ୍କ କରୁଅଛି । ତୁମ୍ଭେମାନେ ପରମେଶ୍ୱରଙ୍କ ଉଦ୍ୟାନରେ ଥିଲା, ଚୁଣୀ, ଗୀତମଣି ଓ ହୀରକ, ବୈଦୁର୍ଯ୍ୟମଣି, ଗୋମେଦକ ସୂର୍ଯ୍ୟକାନ୍ତ, ନୀଳକାନ୍ତ, ପଦ୍ମରାଗ ଓ ମରକତ ଆଦି ଯାବତୀୟ ବହୁମୂଲ୍ୟ ପ୍ରସ୍ତର ଓ ସ୍ୱର୍ଣ୍ଣ ତୁମ୍ଭର ଆଚ୍ଛାଦନ ଥିଲା, ତୁମ୍ଭର ତବଲ ଓ ବଂଶୀୟ ଶିଳ୍ପକାର୍ଯ୍ୟ ତୁମ୍ଭ ମଧ୍ୟରେ ଥିଲା, ତୁମ୍ଭେ ସୃଷ୍ଟ ହେବା ଦିନ ସେସବୁ ପ୍ରସ୍ତୁତ ହୋଇଥିଲା, ତୁମ୍ଭେ ଆଚ୍ଛାଦନକାରୀ ଅଭିଷିକ୍ତ କିରୂପ ଥିଲା, ପୁଣି ଆମ୍ଭେ ତୁମ୍ଭକୁ ସ୍ଥାପନ କଲୁ, ତହିଁରେ ତୁମ୍ଭେ ପରମେଶ୍ୱରଙ୍କ ପବିତ୍ର ପର୍ବତ ଉପରେ ଥିଲା, ତୁମ୍ଭେ ଅଗ୍ନିମୟ ପ୍ରସ୍ତର ସକଳର ଅଧ୍ୟରେ ଗମନାଗମନ କଲ । ତୁମ୍ଭ ମଧ୍ୟରେ ଅଧର୍ମ ଦେଖାଯିବା ପର୍ଯ୍ୟନ୍ତ ତୁମ୍ଭେ ଆପଣା ସୃଷ୍ଟି ଦିନଠାରୁ ଆପଣା ଆଚରଣରେ ସିଦ୍ଧ ଥିଲ ...।" (ଯିହିଜିକଲ ୨୮:୧୨-୧୫) ।

"ହେ ଲୁଶିଫରା, ପ୍ରତ୍ୟୁଷର ପୁତ୍ର । ତୁମ୍ଭେ କିପରି ସ୍ୱର୍ଗରୁ ପତିତ ହେଲ । ଗୋଷ୍ଠୀଗଣକୁ ତୁମ୍ଭେ ଯେ ନତ କରିଥିଲ, ତୁମ୍ଭେ କିପରି ଭୂମିରେ ନିକ୍ଷିପ୍ତ ହେଲ । ପୁଣି, ତୁମ୍ଭେ ମନେ ମନେ କହିଥିଲ, ଆମ୍ଭେ ସ୍ୱର୍ଗାହରଣ କରିବା । ଆମ୍ଭେ ପରମେଶ୍ୱରଙ୍କ ନକ୍ଷତ୍ରର ଉର୍ଦ୍ଧ୍ୱରେ ଆପଣା ସିଂହାସନ ଉଚ୍ଚୀକୃତ କରିବା, ଆମ୍ଭେ ଉତ୍ତର ଦିଗର ପ୍ରାନ୍ତସ୍ଥିତ ସମାଗମ ପର୍ବତରେ ଉପବିଷ୍ଟ ହେବା । ଆମ୍ଭେ ମେଘମାଳର ଉଚ୍ଚସ୍ଥଳୀ ଉର୍ଦ୍ଧ୍ୱକୁ ଆରୋହଣ କରିବା, ଆମ୍ଭେ ସର୍ବୋପରିସ୍ଥଙ୍କ ତୁଲ୍ୟ ହେବା ।" (ଯିଶାଇୟ ୧୪:୧୨-୧୪) ।

ଆପଣକୁ ପରମେଶ୍ୱରଙ୍କ ତୁଲ୍ୟ ମନେ କରିବା ପୂର୍ବେ ଶୟତାନର କିଅବା ଲୁଶିଫର ସ୍ଥିତି । ସେ ଏକ 'କୀରୂବ' ବର୍ଗର ଆତ୍ମା । ସେ ଏକ ଅଭିଷିକ୍ତ କିରୂପ ରୂପେ ବର୍ଣ୍ଣନା କରାଯାଇଅଛି । ପରମେଶ୍ୱର ତାହାକୁ ପବିତ୍ର ପର୍ବତର ଏକ ସିଦ୍ଧ ବ୍ୟକ୍ତି ରୂପେ ବର୍ଣ୍ଣନା କରନ୍ତି । ତାହାର ଉଦନ ଉଦ୍ୟାନରେ ମଧ୍ୟ ସ୍ଥିତି ଥିଲା । କିନ୍ତୁ ତାହାର ଚିତ୍ତ ଗର୍ବାନ୍ୱିତ ହେଲା, ସେ 'ସର୍ବୋପରିସ୍ଥିତ ତୂଲ୍ୟ' ହେବାକୁ ମନରେ ଭାଳିଲା ।

ଶୟତାନର ସଦାପ୍ରଭୁଙ୍କ ବିରୁଦ୍ଧାଚରଣ କରିବାର ପରିଣାମ ବିଷୟରେ ବାକ୍ୟ କହେ, "ପୁଣି ଯେଉଁ ଦୂତମାନେ ଆପଣା ଆପଣା ଉଚ୍ଚପଦ ନ ରଖି ନିଜ ନିଜ ବାସସ୍ଥାନ ପରିତ୍ୟାଗ କଲେ । ସେମାନଙ୍କୁ ସେ ମହା ବିଚାରଦିନ ପର୍ଯ୍ୟନ୍ତ ଚିରସ୍ଥାୟୀ

ବନ୍ଧନରେ ଆବଦ୍ଧ କରି ଅନ୍ଧକାରମୟ ସ୍ଥାନରେ ରଖି ଅଛନ୍ତି ।" (ଯିହୂଦା-୬) ।

"ତତ୍ପରେ ସେ ବାମପାର୍ଶ୍ୱସ୍ଥ ଲୋକଙ୍କୁ ମଧ୍ୟ କହିବେ, 'ରେ ଶାପଗ୍ରସ୍ତମାନେ, ମୋ ସମ୍ମୁଖରୁ ଦୂର ହୋଇ ଶୟତାନ ଓ ତାହାର ଦୂତମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଅନନ୍ତ ଅଗ୍ନି ମଧ୍ୟକୁ ପ୍ରସ୍ଥାନ କର ।" (ମାଥିଉ ୨୫:୪୧) ।

ଶୟତାନ, ସଦାପ୍ରଭୁଙ୍କ ବିରୁଦ୍ଧାଚରଣ କଲା । ତାହାର ପ୍ରଭାବରେ ଅନେକ ଦୂତଗଣ ସଦାପ୍ରଭୁ ପରମେଶ୍ୱରଙ୍କୁ ପରିତ୍ୟାଗ କଲେ । ସଦାପ୍ରଭୁଙ୍କ ବାକ୍ୟ ମାନ୍ୟ କରିବାକୁ କିଅବା ଅମାନ୍ୟ କରିବାକୁ ସ୍ୱେଚ୍ଛାଧିନ ବୋଲି ଜାଣିପାରୁ । କିନ୍ତୁ ଯେତେବେଳେ ସେମାନେ ଅମାନ୍ୟ କଲେ, ସେମାନଙ୍କ ନିମନ୍ତେ ଅନନ୍ତ ଅଗ୍ନି ପ୍ରସ୍ତୁତ କରାଗଲା । ଅନନ୍ତ ଅଗ୍ନି ଶୟତାନ ଓ ତାହାର ଅନୁଚରମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଅଛି, କିନ୍ତୁ ମନୁଷ୍ୟମାନଙ୍କ ନିମନ୍ତେ ନୁହେଁ ।

ପରମେଶ୍ୱରଙ୍କ ନିବାସ ସ୍ଥଳରେ ପାପ କିଅବା ପାପୀ ନିମନ୍ତେ ସ୍ଥାନ ନାହିଁ । ପାପ ପତିତ ଦୂତମାନେ ପରମେଶ୍ୱରଙ୍କ ସାନିଧ୍ୟରୁ ତାଡ଼ିତ ହେଲେ । "ତତ୍ପରେ ସ୍ୱର୍ଗରେ ଯୁଦ୍ଧ ହେଲା, 'ମୀଖାୟେଲ ଓ ତାହାଙ୍କ ।ଦୂତମାନେ ସେହି ସର୍ପ ସହିତ ଯୁଦ୍ଧ କଲେ । ସେଥିରେ ସେହି ସର୍ପ ଓ ତାହାର ଦୂତମାନେ ମଧ୍ୟ ଯୁଦ୍ଧ କଲେ । କିନ୍ତୁ ସେମାନେ ଜୟ କରି ପାରିଲେ । ସେଥିରେ ପୁଣି ସ୍ୱର୍ଗରେ ସେମାନେ ଆଉ ସ୍ଥାନ ପାଇଲେ ନାହିଁ । ସେଥିରେ ସର୍ବଜଗତରେ ପ୍ରବଞ୍ଚକ, ଦିଆବଲ୍ ଓ ଶୟତାନ ନାମରେ ଖ୍ୟାତ ସେହି ପ୍ରକାଣ୍ଡ ସର୍ପ, ସେହି ପୁରାତନ ନାଗ, ସେ ଆପଣା ଦୂତମାନଙ୍କ ସହିତ ପୃଥିବୀରେ ନିକ୍ଷପ୍ତ ହେଲା । ସେତେବେଳେ ମୁଁ ସ୍ୱର୍ଗରେ ଏହି ଉଚ୍ଚସ୍ୱର ଶୁଣିଲି, 'ବର୍ତ୍ତମାନ ଆମ୍ଭମାନଙ୍କ ଈଶ୍ୱରଙ୍କ ପରିତ୍ରାଣ, ପରାକ୍ରମ ଓ ରାଜ୍ୟ ପୁଣି ତାହାଙ୍କ ଖ୍ରୀଷ୍ଟଙ୍କର କର୍ତ୍ତାପଣ ଉପସ୍ଥିତ ହୋଇଅଛି, କାରଣ ଆମ୍ଭମାନଙ୍କ ଭ୍ରାତୃଗଣର ଅପବାଦ, ଯେ ଦିବାରାତ୍ର ସେମାନଙ୍କ ବିରୁଦ୍ଧରେ ଆମ୍ଭମାନଙ୍କ ଈଶ୍ୱରଙ୍କ ଛାମୁରେ ଅଭିଯୋଗ କରୁଥିଲା, ସେ ତଳେ ନିକ୍ଷିପ୍ତ ହୋଇଅଛି ।" (ପ୍ର.ବା. ୧୨:୭-୧୦) ।

ଏହି ପଦଗୁଡିକରୁ ସ୍ୱର୍ଗରେ ଏକ ଯୁଦ୍ଧ ଘଟିଥିଲା ବୋଲି ଜାଣିପାରୁ ଯୁଦ୍ଧରେ ମୀଖାୟେଲ ଓ ତାହାଙ୍କ ସହ ଦୂତମାନେ, ଶୟତାନ ଓ ତାହାର ସଙ୍ଗୀମାନଙ୍କୁ ପରାସ୍ତ

କରି ବିଜୟୀ ହୋଇଥିଲେ । ଅନାଜ୍ଞାବହ ଆତ୍ମାଗଣ ପୃଥିବୀରେ ନିକ୍ଷିପ୍ତ ହେଲେ, ସେ ବୁଣୁଥିବା ପ୍ରଲୋଭନରୂପ ଜାଲରେ କିଏ ପଡିବ, ସେମାନଙ୍କୁ ଏହି ଜଗତରେ ଖୋଜ ବୁଲୁଛି ।

ଏଫିସୀ ୨:୧-୩ ପଦଗୁଡିକ ପାଉଲ, ଶୟତାନ (ଆତ୍ମା) ଅନାଜ୍ଞବହ ସନ୍ତାନମାନଙ୍କ ଠାରେ କାର୍ଯ୍ୟ କରୁଅଛି ବୋଲି କହି ଅଛନ୍ତି । ଅର୍ଥାତ୍ ଶୟତାନ ଏକ ଦୁଷ୍ଟ ଆତ୍ମା ଓ ତାହାର ମନୁଷ୍ୟରୂପ ଶରୀର ନାହିଁ । ତାହାକୁ ଆମେ ଦେଖି ନପାରୁ । କିନ୍ତୁ ସେ ମନୁଷ୍ୟମାନଙ୍କୁ ଦୁଷ୍ଟତାର କଡାଇ ନେଉଅଛି । ଆମ୍ଭମାନଙ୍କୁ ସଦାପ୍ରଭୁଙ୍କ ଠାରୁ ଦୂରେଇ ନେବା ତାହାର ଲକ୍ଷ୍ୟ । ଅନାଜ୍ଞାବହ ମନୁଷ୍ୟମାନେ ଶୟତାନର ଅନୁଚର ।

ଶୟତାନ ଏକ ଶକ୍ତିବାନ ଆତ୍ମା, କିନ୍ତୁ ପରମେଶ୍ୱରଙ୍କ ସମତୁଲ୍ୟ ଶକ୍ତିବାନ ନୁହେଁ । ସେ ପରମେଶ୍ୱରଙ୍କ ସଦୃଶ୍ୟ ସର୍ବଶକ୍ତିମାନ ନୁହେଁ । ପରମେଶ୍ୱର ଓ ମନୁଷ୍ୟମାନେ ତାହାକୁ କାର୍ଯ୍ୟ କରିବାକୁ ଅନୁମତି ଦେବା ଅନୁସାରେ ସେ କାର୍ଯ୍ୟ କରିପାରେ, ଅର୍ଥାତ୍ ସେ ଆମ୍ଭମାନଙ୍କ ଶରୀରରେ ପ୍ରବେଶ କରି, ତାହାର ଇଚ୍ଛାନୁସାରେ କାର୍ଯ୍ୟ କରିପାରେ ନାହିଁ । ସେ ଆମ୍ଭମାନଙ୍କୁ ପ୍ରଲୋଭିତ କରେ, କିନ୍ତୁ ପାପ କରାଇ ପାରେନାହିଁ । ମନୁଷ୍ୟ ପ୍ରଲେଭିତ ହୋଇ, ଆଜ୍ଞା ଲଙ୍ଘନ କରେ ଓ ଆଜ୍ଞା ଲଙ୍ଘନ କରିବା ହିଁ ପାପ । ଯାକୁବ ବ: ୪:୭ ପଦରେ ଲେଖାଯାଏ, "ଶୟତାନର ପ୍ରତିରୋଧ କର ତାହା ହେଲେ ସେ ତୁମ୍ଭମାନଙ୍କ ନିକଟରୁ ପଳାଇଯିବ ଶୟତାନକୁ ପ୍ରତିରୋଧ କରିବାର ଶକ୍ତି, ସଦାପ୍ରଭୁଙ୍କଠାରୁ ଓ ତାହାଙ୍କ ବାକ୍ୟ ବିଷୟକ ଜ୍ଞାନରୁ ଆସେ ।"

ମନୁଷ୍ୟମାନଙ୍କ ସହ ଶୟତାନର ପ୍ରଥମ ଯୁଦ୍ଧ ଓ ବିଜୟ ବିଷୟରେ ଆମ୍ଭେମାନେ ସମସ୍ତେ ଜାଣୁ । ପ୍ରଥମ ମନୁଷ୍ୟ ଆଦମ ଓ ତାହାଙ୍କ ଭାର୍ଯ୍ୟା ହବା, ସଦାପ୍ରଭୁଙ୍କ ସୃଷ୍ଟ ସୁନ୍ଦର ଏଦନ ଉଦ୍ୟାନରେ ବାସ କରୁଥିଲେ । ସେହି ସୁନ୍ଦର ଉଦ୍ୟାନରେ ଶୟତାନ ଏକ ସର୍ପରୂପରେ ହବାକୁ ପ୍ରଶ୍ନ କରିଥିଲେ । "... ଆଗୋ ଏ କି ସତ୍ୟ, ଉଦ୍ୟାନର କୌଣସି ବୃକ୍ଷର ଫଳ ଖାଇବାକୁ ପରମେଶ୍ୱର ତୁମ୍ଭମାନଙ୍କୁ ନିଷେଧ କରିଅଛନ୍ତି ?" (ଆଦି ୩:୧) ।

ପରମେଶ୍ୱର ଦତ୍ତ ଆତ୍ମା ବିଷୟରେ ପରମେଶ୍ୱର ଜ୍ଞାତ ଥିଲେ । "ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ଆଜ୍ଞା ଦେଇ କହିଲେ, ତୁମ୍ଭେ ଉଦ୍ୟାନର ସମସ୍ତ ବୃକ୍ଷର

ଫଳ ସ୍ୱଚ୍ଛନ୍ଦରେ ଭୋଜନ କରିପାର । ମାତ୍ର ସତ୍‌ସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ । ଯେହେତୁ ଯେଉଁ ଦିନ ତାହା ଖାଇବ, ସେହି ଦିନ ନିତାନ୍ତ ମରିବ ।" (ଆଦି ୨:୧୬-୧୭) । ଏହି ଆଜ୍ଞା ବିଷୟରେ ହବା ଜ୍ଞାତ ଥିଲେ, ତଥାପି ସେ ଶୟତାନର ପ୍ରଲୋଭନରେ ପ୍ରଲୋଭିତ ହୋଇ ପରମେଶ୍ୱରଙ୍କ ଆଜ୍ଞା ଲଙ୍ଘନ କଲେ । ହବାଙ୍କ ଦୃଷ୍ଟିରେ ସେହିଫଳ "ସୁଖାଦ୍ୟର ଉତ୍ପାଦକ ଓ ନୟନର ଲୋଭଜନକ ଓ ଜ୍ଞାନ ଦେବା ନିମିତ୍ତ ବାଞ୍ଛନୀୟ ଦେଖି ତହିଁରୁ ଫଳ ତୋଳି ଖାଇଲେ, ପୁଣି ଆପଣା ସଙ୍ଗସ୍ଥ ସ୍ୱାମୀଙ୍କୁ ଦିଅନ୍ତି, ସେ ମଧ୍ୟ ଖାଇଲେ ।" (ଆଦି ୩:୫-୬) ।

ହବା ପ୍ରଲେଭିତ ହୋଇ ଫଳ ଖାଇଲେ ଓ ଆଦମଙ୍କୁ ଦେଲେ, ଏଠାରେ ଆଦମ ଆପଣା ପରିବାର ଆତ୍ମିକ ନେତାରୂପେ ବିଫଳ ହେଲେ । ପିତାମାନେ ପିରବାରର ଆତ୍ମିକ ନେତା ଅଟନ୍ତି, ସେମାନେ ଆପଣା ଆପଣା ପରିବାରକୁ ଶୟତାନର ପ୍ରଲୋଭନରୁ ସୁରକ୍ଷା କରିବା ଆବଶ୍ୟକ । ସେମାନଙ୍କ ପାପ ହେତୁ ସଦାପ୍ରଭୁ ସେମାନଙ୍କୁ ଏଦନ ଉଦ୍ୟାନରୁ ତଡି ଦେଲେ ।

ଶୟତାନ, ମନୁଷ୍ୟମାନଙ୍କୁ ପଥଭ୍ରଷ୍ଟ କରିବାର ଅନେକ ଉଦାହରଣ ଆମ୍ଭେମାନେ ବାଇବଲରେ ପଢ଼ିପାରୁଁ । ଶୟତାନର କୁଟିଳତା ଦ୍ୱାରା, ହବା ପରମେଶ୍ୱରଙ୍କ ଆଜ୍ଞା ଲଙ୍ଘନ କରି ପାପ କଲେ । କୁଟିଳତା ଶୟତାନର ଏକ ପ୍ରଧାନ ଅସ୍ତ୍ର । ଆୟୁବଙ୍କ ଜୀବନରେ ଅନେକ କଷ୍ଟ, ସମସ୍ୟା ସୃଷ୍ଟିର କରି, ପରମେଶ୍ୱରଙ୍କ ନିକଟରୁ ଦୂରେଇ ନେବାରେ ଚେଷ୍ଟା କରିଥିଲା । କିନ୍ତୁ ସେ ଶୟତାନର ଚତୁରତା ବିଫଳ ହେଲା । ଆୟୁବ ସଦାପ୍ରଭୁଙ୍କ ପରିତ୍ୟାଗ କରି ନଥିଲେ । (ଆୟୁବ ୧,୨) । ପରମେଶ୍ୱରଙ୍କୁ ପରିତ୍ୟାଗ କରିବାରେ ଦୁଃଖ, କଷ୍ଟ, ସମସ୍ୟା ଏବେ ମଧ୍ୟ ଶୟତାନର ଅସ୍ତ୍ର ।

ଯିହୂଦା ଓ ହନନିୟ ଶୟତାନର ପ୍ରଲୋଭନକୁ ପ୍ରତିରୋଧ କରି ନଥିଲେ । ଶୟତାନ, ଯିହୂଦାକୁ ଈଶ୍ୱରଙ୍କ ପୁତ୍ରଙ୍କ ପ୍ରତାରଣା କରିବାରେ ସଫଳ ହୋଇଥିଲା । (ଯୋହନ ୧୩:୨) । ପ୍ରଥମ ଶତାବ୍ଦୀର ହନନିୟ ନାମକ ଏକ ଖ୍ରୀଷ୍ଟିୟାନ ଶୟତାନର ପ୍ରଭାବରେ ପବିତ୍ର ଆତ୍ମାଙ୍କୁ ମିଥ୍ୟା କହିଥିଲେ । (ପ୍ରେରିତ ୫:୩) । ମିଥ୍ୟା, ଶୟତାନର

ଏକ ଅସ୍ତ୍ର ଯାହା ସେ ପ୍ରତିଦିନ ବ୍ୟବହାର କରେ । ପ୍ରତ୍ୟେକ ମିଥ୍ୟାବାଦୀ ନରକରେ ନିକ୍ଷିପ୍ତ ହେବେ । ସାବଧାନ, ଶୟତାନ ଆପଣା ସଙ୍ଗେ ଅନେକ ଆତ୍ମାମାନଙ୍କୁ ନରକରେ ନେବା ନିମନ୍ତେ ଚେଷ୍ଟା କରୁଛନ୍ତି ।

ଯୀଶୁଖ୍ରୀଷ୍ଟ, ପ୍ରାନ୍ତରରେ ଶୟତାନ ଦ୍ୱାରା ପରୀକ୍ଷିତ ହୋଇଥିଲେ । ସେ ଧର୍ମଶାସ୍ତ୍ରର ବାକ୍ୟ ବ୍ୟବହାର କରି ବିଜୟୀ ହୋଇଥିଲେ । (ଲୂକ ୪:୧-୩) । ଆସ ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ଆପଣା ଚତୁରତାରୁ ବିଜୟୀ ହେଉଁ ।

ଶୟତାନ ନିଜେ ଦୀପ୍ତିମୟ ଦୂତ ବେଶ ଧାରଣ କରି, ମନୁଷ୍ୟମାନଙ୍କୁ ପ୍ରତାରଣା କରେ । (୨ୟ କରିନ୍ଥୀ ୧୧:୧୩-୧୫) । ଆମ୍ଭେମାନେ ସତ୍ୟ ଜାଣିବା ନିମନ୍ତେ, ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରୁ । ଏହା ଏକ ମାତ୍ର ମାର୍ଗ ଯାହା ଦ୍ୱାରା ଆମ୍ଭେମାନେ ଶୟତାନର ଚତୁରତା ବିଷୟରେ ଜାଣି ପାରିବା ।

ନୂତନ ନିୟମରେ ଶୟତାନର ବିଷୟରେ ଅନେକ ଚେତାବନୀ ଦିଆଯାଇଅଛି । "... ତୁମ୍ଭମାନଙ୍କର ବିପକ୍ଷ ଶୟତାନ ସିଂହପ୍ରାୟ ଗର୍ଜନ କାହାକୁ ଗ୍ରାସିବ, ଏହା ଖୋଜି ବୁଲୁଅଛି ।" (୧ମ ପିତର ୫:୮) ।

ଆତ୍ମମାନଙ୍କ ଆପଣା ସୁରକ୍ଷା ନିମନ୍ତେ ଆମ୍ଭେମାନେ ପ୍ରତିଦିନ ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରୁ । ଶୟତାନର ପରୀକ୍ଷାରୁ ଈଶ୍ୱରଙ୍କ ବାକ୍ୟ ଆତ୍ମମାନଙ୍କ ସୁରକ୍ଷା କରେ । ଈଶ୍ୱରଙ୍କ ବାକ୍ୟ ଆତ୍ମମାନଙ୍କ ନିମନ୍ତେ ଢାଲ ଓ ଦୃଢ଼ଗଡ ।

**- Betty Choate**

***

**Edited & Published by : Kabita & Joshua Gootam**

# THE GOD HEAD

**INTRODUCTION :**

Several reasons why we need to study this subject.

1. The oneness holiness doctrine or Jesus only doctrine are prevalent and must be exposed as unscriptural.
2. A study of this kind will help us appreciate the infiniteness and omniscience of God.
3. Through this study we will be better able to understand the things involved in our salvation.

**DISCUSSION**

I. **First, consider the meaning of the term "Godhead."**

A. It is from a Middle English word – "Godhood". This word means simply that which makes God God.

1. Some examples :

a. "Manhood" is that which makes a man a man.

b. "childhood" is that which makes a child a child.

c. "Fatherhood" is that which makes a father a father.

d. Therefore, "Goodhood" is that which makes God God.

2. This word can be translated "divinity" or "deity"

B. "Godhead" is used only three times in the New Testament.

1. Acts 17:29 – "Forasmuch then as we are the offspring of God, we ought not to think that the Godhead is like unto gold, or silver, or stone, graven by art and man's device."

2. Romans 1:20 – "For the invisible things of him from the creation of the world are clearly seen, being understood by the things that are made, even his eternal power and Godhead; so that they are without excuse."

3. Colossians 2:9 – "For in him dwelleth all the fullness of the Godhead bodily."

II. **Second, Let us consider the trinity of the Godhead**

A. There are three beings who partake of Godhead, Godhood, or divinity.

1. They are : a. God the Father. (Acts 17:29; Rom. 1:20). b. Jesus the Son. (Col. 2:9). c. The Holy Spirit. (1 Cor. 2:11).

2. There are many passages which list these three beings, but perhaps the most familiar is Matthew 29:19.

B. These three beings are distinct one from the other. One of the many great examples of this is Matt. 3:16,.17

C. However, these three beings are ONE. There is complete unity among them.

1. That they are three yet one is clearly seen in Gen. 1:26.

a. God says, "Let us make man" (plural).

b. We know that Jesus was involved in the creation (Jn. 1:3: Col. 1:16), and that the Spirit was also involved (Gen.1:2).

c. The conclusion is that there are three beings who possess such unity that the three can be described in the singular!

2. HOW are they one ?

a. In unity of Nature : all three are divine and eternal (Heb. 9:14; 1:1; John 1:1).

b. In unity of Purpose : that of reconciling man to God (2 Cor. 5:18; Eph. 2:16-18).

c. In unity of Relevation : Everything spoken by God the Father, by Jesus the Son, and by the Holy Spirit are in complete harmony (Jn. 16:13-15).

III. **Third, let us consider the Godhead at work.**

A. In creation, God, Christ, and the Spirit were involved in the work of Creation.

B. In the scheme of redemption.

1. God the great planner, purpose and designer (Eph. 1:11).
2. Christ executed, carried out the plan (John 6:38; 2Tim. 1:9).
3. The Holy Spirit revealed it (1 Cor. 1:9,10).

C. In Baptism (Matt. 28:19). The truth expressed is that disciples are baptized into a relationship with Father, Son and Holy Spirit.

1. God becomes one's father. 2. Christ becomes one's head.
3. Holy Spirit becomes one's guide and leader

D. In the church.

1. God is the Father of the children in his house, the church (2 Tim. 3:15).
2. Christ is the head of the church and savior of his body, and he will deliver it to god (Eph. 5:23; 1Cor 15:24).
3. The Holy Spirit is the life and unifying force of the church (Eph. 4:1-3).

E. In prayer. 1. God is the hearer and answerer of prayer.
2. Jesus is mediator who made it possible for mand to speak to God.
3. The Holy Spirit helps our infirmities (Rom. 8:26).

**Conclusion**

1. In this study we have seen the meaning of the term Godhead, the trinity of the Godhead, and the work or each respective member of it.
2. It is hoped that this will better enable us to understand the things involved in salvation and to appreciate them.

TOM MELEMORE

***Printed Book Only***

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)